ଗ୍ରାମୀଣ କୃଷି ମୌସମ ସେବା
ଭାରତ ପାଣିପାଗ ବିଭାଗ, ଏ.ଏମ.ଏଫ.ୟୁ. – ସେମିଳିଗୁଡା
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ବୈଷୟିକ ଜ୍ଞାନକୌଶଳ ପ୍ରସାରଣ କେନ୍ଦ୍ର
ସେମିଳିଗୁଡା, ପି. ବି.-୧୦, ସୁନାବେଡା, କୋରାପୁଟ, ଓଡ଼ିଶା- ୭୬୩୦୦୨

ସପ୍ତାହ କ୍ର.ସଂ.-୨୦ | **ପାଣିପାଗ ଜନିତ କୃଷି ଉପଦେଶ** | ତାରିଖ – ୧୪.୦୫.୨୦୧୯

ଜିଲ୍ଲା- କୋରାପୁଟ (ଇଷ୍ଟର୍ନ ଘାଟ ହାଇ ଲ୍ୟାଣ୍ଡ ଜୋନ)

| ଗତ ଚାରି ଦିନର ପାଣିପାଗ ଅବସ୍ଥା | | | | |
|---|---|---|---|---|
| ତାରିଖ | ୧୦.୦୫.୧୯ | ୧୧.୦୫.୧୯ | ୧୨.୦୫.୧୯ | ୧୩.୦୫.୨୦୧୯ |
| ବୃଷ୍ଟିପାତ (ମି.ମି.) | ୦ | ୦ | ୫୦.୪ | ୩.୬ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ୩୯ | ୩୮ | ୩୬ | ୩୫ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ୨୨ | ୨୨ | ୨୩ | ୨୦ |

## ଆସନ୍ତା ପାଞ୍ଚ ଦିନର (୧୫.୦୫.୨୦୧୯ ଠାରୁ ୧୯.୦୫.୨୦୧୯) ପାଣିପାଗର ପୂର୍ବାନୁମାନ

(ଏମ.ସି.,ଆଇ.ଏମ.ଡି., ଭୁବନେଶ୍ୱର ଅନୁଯାୟୀ)

ଆସନ୍ତା ୧୫ ରୁ ୧୮ ମଇ ଅତି ସ୍ୱଳ୍ପ ରୁ ସ୍ୱଳ୍ପ ମାତ୍ରାରେ ବର୍ଷା ହେବାର ସମ୍ଭାବନା ଅଛି ଏବଂ ୧୯ ମଇ ବର୍ଷା ହେବାର ସମ୍ଭାବନା ନାହିଁ । ଆକାଶ ମୁଖ୍ୟତ ପରିଷ୍କାର ରୁ ଆଂଶିକ ମେଘୁଆ ରହିବ। ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଦିନର ସର୍ବାଧିକ ତାପମାତ୍ରା ୩୫ ରୁ ୩୮ ଡିଗ୍ରୀ ସେ. ଏବଂ ସର୍ବନିମ୍ନ ତାପମାତ୍ରା ୨୧ ରୁ ୨୩ ଡିଗ୍ରୀ ସେ. ରହିବାର ସମ୍ଭାବନା ଅଛି । ସର୍ବାଧିକ ଏବଂ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ଶତକଡ଼ା ୫୪ ରୁ ୭୩ ଭାଗ ଏବଂ ୧୪ ରୁ ୨୬ ଭାଗ ରହିବାର ସମ୍ଭାବନା ଅଛି।

| ତାରିଖ | ୧୫.୦୫.୧୯ | ୧୬.୦୫.୧୯ | ୧୭.୦୫.୧୯ | ୧୮.୦୫.୧୯ | ୧୯.୦୫.୧୯ |
|---|---|---|---|---|---|
| ବୃଷ୍ଟିପାତ (ମି.ମି.) | ୭ | ୭ | ୫ | ୧ | ୦ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ୩୬ | ୩୫ | ୩୬ | ୩୭ | ୩୮ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ୨୧ | ୨୨ | ୨୨ | ୨୩ | ୨୩ |
| ମେଘାଚ୍ଛନ୍ନ | ୪ | ୪ | ୪ | ୨ | ୧ |
| ସର୍ବାଧିକ ଆର୍ଦ୍ରତା (%) | ୭୩ | ୬୭ | ୬୪ | ୫୭ | ୫୪ |
| ସର୍ବନିମ୍ନ ଆର୍ଦ୍ରତା (%) | ୨୪ | ୨୬ | ୨୫ | ୨୧ | ୧୪ |
| ପବନର ବେଗ (କି.ମି./ଘଣ୍ଟା) | ୫ | ୫ | ୫ | ୬ | ୬ |
| ପବନର ଦିଗ (ଡିଗ୍ରୀ) | ୧୭୧ | ୨୨୨ | ୨୪୦ | ୨୫୧ | ୨୫୦ |

## ପାଣିପାଗ ଭିତ୍ତିକ କୃଷି ଉପଦେଶ

**ସାଧାରଣ:**

- ପରିଷ୍କାର ପାଗ ଦେଖିକି ଜମିରେ ଔଷଧ ସିଞ୍ଚନ କରନ୍ତୁ ।
- ଜମିରେ ଯଦି ପାଗ ଥାଏ, ତେବେ ଏବେ ଠାରୁ ଖରାଟିଆ ହଳ କରି ଦିଅନ୍ତୁ । ଏହା ଦ୍ୱାରା ମାଟିରେ ଥିବା ଅପକାରୀ ଅଣୁଜୀବ, କୀଟ ଗୁଡିକର ଅଣ୍ଡା ଏବଂ କୋଷ ତଥା ସୂତ୍ର କୃମି ଗୁଡିକ ନଷ୍ଟ ହୋଇଯାଆନ୍ତି ।
- ପରବର୍ତୀ ଫସଲ ଲଗାଇବା ଏବଂ ସାର ପ୍ରୟୋଗ ପୂର୍ବରୁ ମୃତ୍ତିକା ପରୀକ୍ଷା କରାଇ ନିଅନ୍ତୁ ।

**ଡ଼ାଳୁଅ ଧାନ:**

- ଡାଳୁଅ ଧାନ ଗର୍ଭା ଅବସ୍ଥା ରେ ଏକରକୁ ସଅଳ କିସମରେ ୧୩ କିଲୋ ୟୁରିଆ ସହିତ ୧୦ କିଲୋ ଏମ.ଓ.ପି. ଓ ମଧ୍ୟମ କିସମରେ ୧୮ କିଲୋ ୟୁରିଆ ଓ ୧୩ କିଲୋ ଏମ.ଓ.ପି. ସାର ପ୍ରୟୋଗ କରନ୍ତୁ ।

- দিন তাপমাত্রা বৃদ্ধি হেউথিবারু କାଣ୍ଡବିନ୍ଧା ପୋକ ପ୍ରଜାତି ଅଣ୍ଡା ଦେବା ପାଇଁ ସହାୟକ ହୋଇପାରେ । ପ୍ରଜାପତି ଧରିବା ପାଇଁ ଏକ ଏକର ଜମିରେ ୪ ଗୋଟି ସାଙ୍ଗ ଆକର୍ଷକ ଯନ୍ତ୍ର ବ୍ୟବହାର କରନ୍ତୁ । ଧାନରେ କାଣ୍ଡ ବିନ୍ଧା ପୋକ ନିୟନ୍ତ୍ରଣ ପାଇଁ ୮୦ ମିଲି ଇଥୋଫେନୋପ୍ରକ୍ସ ୧୦ ଇ. ସି. କୁ ୧ ଲିଟର ପାଣି ରେ ୨ ମିଲି ଔଷଧ ମିଶାଇ ସିଞ୍ଚନ କରନ୍ତୁ ।

ଅଦା:

- ଅଧିକ ଅମଳ ପାଇବା ପାଇଁ ପଟାଳି ରେ ଲଗାନ୍ତୁ । ପଟାଳିର ଉଚ୍ଚତା ୧୫ ସେମି, ଓସାର ୧ ମିଟର ଏବଂ ଲମ୍ବା ଆପଣଙ୍କ ସୁବିଧା ଦେଖିକି କରନ୍ତୁ । ଜଳ ନିଷ୍କାସନ ପାଇଁ ଗଭୀର ନାଳ କରନ୍ତୁ ।
- କିସମ: ସୁପ୍ରଭ, ସୁରୁଚି ଓ ସୁରଭି, ବିହନ ପରିମାଣ: ୧୮–୨୦ କୁଇଣ୍ଟାଲ/ହେକ୍ଟର
- ଲଗେଇବା ପୂର୍ବରୁ କନ୍ଦା ବିଶୋଧନ କରନ୍ତୁ । ୧ ଲିଟର ପାଣିରେ ୧ ଗ୍ରାମ କାରବେନଡାଜିମ, ୩ ଗ୍ରାମ ମାନକୋଜେବ, ୧ ଗ୍ରାମ ପ୍ଲାଣ୍ଟୋମାଇସିନ ଓ ୨ ମିଲି କୁଇନାଲଫସ ମିଶାଇ ଅଧ ଘଣ୍ଟା ବୁଡାଇରଖି, ଛାଣିଦେଇ ବହାରକରି ଭଲଭାବେ ଖରାରେ ଶୁଖାଇ ଲଗାନ୍ତୁ।

ପନିପରିବା ଫସଲ:

- ବାଇଗଣ ଓ ଟମାଟୋ ଫସଲରେ ଝାଉଁଳା ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୧.୫ ଗ୍ରାମ୍ ପ୍ଲ୍ୟାଣ୍ଟୋମାଇସିନ୍ ଏବଂ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।
- ବାଇଗଣ ଫସଲରେ କାଣ୍ଡବିନ୍ଧା ପୋକ ନିୟନ୍ତ୍ରଣ କରିବା ପାଇଁ ଝାଉଁଳିଥିବା ଅଗ ଡାଳ ଗୁଡିକୁ ଛିଣ୍ଡାଇ ମାଟିରେ ପୋତି ଦିଅନ୍ତୁ ଏକର ପ୍ରତି ୭୦ ମିଲି ସ୍ପିନୋସାଡ ଓ ୩୦୦ ଗ୍ରାମ ଥିଓଡିକାର୍ବ ଔଷଧ କୁ ଅଦଳବଦଳ କରି ୨୦୦ ଲିଟର ଜଳ ରେ ମିଶାଇ ୧୫ ଦିନ ଅନ୍ତରରେ ସିଂଚନ କରନ୍ତୁ ।
- ବର୍ତ୍ତମାନ ପାଗରେ ତଳି ଓ ମୁଖ୍ୟ ଫସଲରେ ମୂଳ ପଚା ରୋଗ ଦେଖାଦେବାର ସମ୍ଭାବନା ଥାଏ, ମୂଳ ପଚା ରୋଗ ଦାଉରୁ ରକ୍ଷା କରିବା ପାଇଁ ପ୍ରତି ଲିଟର ପାଣିରେ ୨.୫ ଗ୍ରା. କପର ଅକ୍ସିକ୍ଲୋରାଇଡ ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ, ଯେପରିକି ମାଟି ଭଲଭାବେ ଭିଜିପାରିବ ।

ବିଶେଷ ଦ୍ରଷ୍ଟବ୍ୟ: ଆବଶ୍ୟକ ସହାୟତା ଏବଂ ସୂଚନା ପାଇଁ ନିକଟବର୍ତ୍ତୀ କେ.ଭି.କେ ବୈଜ୍ଞାନିକ ଓ ରାଜ୍ୟର କୃଷି ଅଫିସର ସହିତ ସମ୍ପର୍କ କରନ୍ତୁ।

---

ଡଃ. କେଦାରେଶ୍ୱର ପ୍ରଧାନ
(ନୋଡ଼ାଲ ଅଫିସର)